# ଓକିଲ ସଂଘ କାର୍ଯ୍ୟାଳୟରେ ଇ-ଲାଇବ୍ରେରୀ ଉଦ୍‌ଘାଟିତ



ଛତ୍ରପୁର,୨୭ ।୧୨(ସମିସ): ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଇ-ଲାଇବ୍ରେରୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଇ-ଲାଇବ୍ରେରୀ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପ୍ରଥମ କରି ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଅନୁଦାନପ୍ରାପ୍ତରେ ଏହି ଇ-ଲାଇବ୍ରେରୀ କେନ୍ଦ୍ର ଖୋଲାଯାଇଛି। ୧୯୩୬ ମସିହା ଠାରୁ ସମସ୍ତ ପ୍ରକାର କୋର୍ଟ ମକଦ୍ଦମା ସୂଚନା ଏହି ଇ-ଲାଇବ୍ରେରୀରେ ଉପଲବ୍ଧ ରହିଛି। ଆଜି ଇ-ଲାଇବ୍ରେରୀ କେନ୍ଦ୍ର ଉଦ୍‌ଘାଟନ ପରେ ଏଆଇଆର ୨୦୨୩ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନାମର ଏସ୍‌ସି-୧୧୧୫ ଏକ ସୂଚନା କମ୍ପ୍ୟୁଟର ମାଧ୍ୟମରେ ପ୍ରିଣ୍ଟ ବାହାର କରି ଜିଲ୍ଲା ଜଜ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ଅତିରିକ୍ତ ଜିଲ୍ଲାଜଜ୍ ପ୍ରଦୀପ କୁମାର ସାମଲ, ସବଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ପ୍ରତିଶ କୁମାର ରଥ, ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ, ବ୍ରହ୍ମପୁର ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ସୌଦାମିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛତ୍ରପୁର ଓକିଲ ସଂଘର ପ୍ରାକ୍ତନ ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘର ସଂପାଦକ ଏସ୍.ଶ୍ୟାମ କୁମାର ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆସିଷ୍ଟାଣ୍ଟ ସେକ୍ରେଟାରୀ କେଶବ ରେଡ୍ଡୀ, ଆଇନଜୀବୀ ପଦ୍ମଚରଣ ସାହୁ, ମନୋଜ କୁମାର ପାଢ଼ୀ, ଦେବେନ୍ଦ୍ର ମିଶ୍ର, କୈଳାଶ ପଲାଇ, ଡି. ଆଦିନାରାୟଣ ରେଡ୍ଡୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଦୁଇ ମନ୍ଦିରରୁ ଚୋରି ଘଟଣାରେ ୭ ଗିରଫ

## ୯.୪୫ କେଜି ରୁପା ଜବତ



ବେଲଗୁଣ୍ଠା,୨୭ ।୧୨(ସମିସ): ଭିନ୍ନ ଭିନ୍ନ ମନ୍ଦିରରୁ ଚୋରି କରିଥିବା ଦୁଇଟି ଚୋର ଦଳର ୭ ଜଣଙ୍କୁ ଗିରଫ କରିଛି ବେଲଗୁଣ୍ଠା ପୁଲିସ। ସେମାନଙ୍କ ନିକଟରୁ ଚୋରି କରି ତରଳା ଯାଇଥିବା ରୁପା ୧୪ ଖଣ୍ଡ (ପ୍ରାୟ ସାଢେ ୯ କେଜି), ଦୁଇଟି ବାଇକ୍, ୭ଟି ମୋବାଇଲ, ଗୋଟିଏ ପାଣିପମ୍ପ ଓ ଅଡିଓ ଡେକ୍ ଜବତ କରିଛି।

ଗତ ୧୩ ତାରିଖରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଘୁ.ନୂଆଗାଁସ୍ଥିତ ଶନି ମନ୍ଦିର ଓ ମା' ବରପାହାନ୍ତି ମନ୍ଦିର କମିଟି ସଦସ୍ୟ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଥାନାଧିକାରୀ ରେବତୀ ଶବରଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ ତଦନ୍ତ ଚଳାଇଥିଲେ। ଅଭିଯୁକ୍ତମାନେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ ଗ୍ରାମର ଆକାଶ ସ୍ୱାଇଁ (୨୪), ଗାଙ୍ଗପୁର ଥାନା ଅନ୍ତର୍ଗତ ଚାଟୁଳା ଗ୍ରାମର ଦେବାଶିଷ ଖଟେଇ(୧୯), ଶୁଭମ୍ ସ୍ୱାଇଁ (୨୦) ଓ ଚୋରି ଜିନିଷ ଗ୍ରହଣ କରିଥିବା ଖୁକୁଣ୍ଡିଆ ଗ୍ରାମର ଶିବରାମ ନାୟକ (୪୭)ଙ୍କୁ ଭାରତୀୟ ନ୍ୟାୟ ସଂହିତା ୩୩୧(୪ )ଓ ୩୦୫(ବି) ଗିରଫ କରାଯାଇଛି। ସେହିପରି ନଭେମ୍ବର ୧୫ ରାତିରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଇନ୍ଦ୍ରଗଡ ଗ୍ରାମ ନୃସିଂହ ମନ୍ଦିରରୁ ଚୋରି ହୋଇଥିଲା। ପୁଲିସ ଏହି ଘଟଣାରେ ମଧ୍ୟ ସେହି ଇନ୍ଦ୍ରଗଡ଼ ଗ୍ରାମର ଅଜୟ ପୋଲାଙ୍ଗ(୩୧), ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅନ୍ତର୍ଗତ ମଇନ୍ଦପୁର ଗ୍ରାମର କପିଳାସ ଭୋଇ (୨୨), ରଞ୍ଜନ ଭୋଇ (୨୭)କୁ ଗିରଫ କରିଛି। ଉଭୟ ଘଟଣାରେ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ରେବତୀ ଶବର କହିଛନ୍ତି।

# କନ୍ଧମାଳରେ ଏନ୍‌କାଉଣ୍ଟର; ନିକଟବର୍ତ୍ତୀ ଗାଁରେ କୋକୁଆ ଭୟ

ଭଞ୍ଜନଗର,୨୭ ।୧୨(ସମିସ): ବଡ଼ଦିନ ଉପଲକ୍ଷେ, ଗୋଟିଏ ପଟେ ଉତ୍ସବର ମାହୋଲ ଥିବା ବେଳେ ବୁଧବାର ରାତିରେ କନ୍ଧମାଳ–ଗଞ୍ଜାମ ସୀମାରେ ମାଓବାଦୀ ଓ ପୁଲିସ ଗୁଳି ବିନିମୟ ହୋଇଛି। ଏହି ଘଟଣା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ତେବେ ପୁଲିସ ସମଗ୍ର ଇଲାକାକୁ ସିଲ୍ କରି କମ୍ବିଂ ଜୋରଦାର କରିଛି। ଜଙ୍ଗଲ ଓ ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ବ୍ୟାପକ ତଲାସୀ କରାଯାଉଛି। ମାଓବାଦୀମାନେ ଦୁଇ ଜିଲ୍ଲାର ସୀମାବର୍ତ୍ତୀ ତଥା ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକରେ ଛପି ରହିଥିବା ସନ୍ଦେହରେ ପୁଲିସ ଏସବୁ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଛି। କନ୍ଧମାଳ ସୀମାକୁ ଲାଗିଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ବ୍ରାହ୍ମଣପଦର ପଞ୍ଚାୟତର କୁପାଟି, ତଳଜୀବିକା, ଖୁରୁଡୁଗୋଛା ଓ ବାଲିକିଆ ଆଦି ବହୁ ଜଙ୍ଗଲ ପାଖ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସଶସ୍ତ୍ର ପୁଲିସ ବାହିନୀ ପକ୍ଷରୁ ଏସବୁ ଗାଁଗୁଡ଼ିକରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସବୁ ଲୋକ ମୋବାଇଲ୍ ସେଟ୍ ସୁଇଚ୍ ଅଫ୍ କରିବାକୁ ପ୍ରଚାର କରାଯାଇଛି। ଗାଁ ଲୋକଙ୍କୁ ବାହାରକୁ ଛଡ଼ାଯାଉନଥିବା ଓ ବାହାର ଲୋକଙ୍କ ପ୍ରବେଶକୁ ବାରଣ କରାଯାଇଛି ଓ ମାଓ ଦମନ ପାଇଁ ପୁଲିସର ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ତେବେ ଏହିସବୁ ଗାଁର ସମସ୍ତଙ୍କ ଫୋନ୍ ସୁଇଚ୍ ଅଫ୍ ରହିଛି, ତେଣୁ ଅଧିକ ସୂଚନା ପଦାକୁ ଆସୁନି। ୨୦୦୮ ଫେବ୍ରୁଆରୀ ୧୬ରେ ଗଞ୍ଜାମ-କନ୍ଧମାଳ ସୀମାବର୍ତ୍ତୀ ଗାଁ ଗସ୍‌ମାରେ ବଡ଼ ଧରଣର ମାଓ ମୁକାବିଲାର ସମ୍ମୁଖୀନ ହୋଇଥିଲା ପୁଲିସ। ଏଥିରେ ୪ ଜଣ ପୁଲିସ ସହିଦ ହୋଇଥିଲେ। ଦୀର୍ଘବର୍ଷ ପରେ ଏବେ ସେହି ଗସ୍‌ମା ପାଖ ଜଙ୍ଗଲରେ ପୁଣି ମାଓବାଦୀ-ପୁଲିସ ଗୁଳି ବିନିମୟ ପରେ ଇଲାକାରେ ଭୟ ଖେଳିଯାଇଛି। ରାତିରେ ଗସ୍‌ମା ନିକଟ ବାଲିକିଆ ପାଖ ଜଙ୍ଗଲରୁ ବିଦ୍ୟାପଲ୍ଲୀ, ବ୍ରାହ୍ମଣପଦର ଓ କଳିଙ୍ଗା ଘାଟି ଦେଇ ତିନି ମାଓବାଦୀଙ୍କ ମୃତଦେହକୁ ସୁରକ୍ଷା ବାହିନୀ ଫୁଲବାଣୀ ନେଇଥିବା ଜଣାଯାଇଛି।

# ଡାକ୍ତରଙ୍କ ୧ ଘଣ୍ଟିଆ କାର୍ଯ୍ୟବନ୍ଦ; ରୋଗୀ ସେବା ପ୍ରଭାବିତ



ପୋଲସରା,୨୭ ।୧୨(ସମିସ): ବିଭିନ୍ନ ଦାବି ନେଇ ଓଡିଶା ଡାକ୍ତର ସଙ୍ଘର ରାଜ୍ୟବ୍ୟାପି ୧ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ପ୍ରଭାବିତ ହୋଇଛି। ୨୬ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଦୈନିକ ସକାଳ ୧୦ ଘଣ୍ଟା ଠାରୁ ୧୧ଟା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବେ ପୋଲସରା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ହିବିଭାଗ ବନ୍ଦ ରହିବ। ଏଥିପାଇଁ ସମସ୍ତ କାର୍ଯ୍ୟରତ ଡାକ୍ତର ରୋଗୀଙ୍କ ପ୍ରମୁଖ ସେବାରୁ ନିଜକୁ ଏକ ଘଣ୍ଟା ନିବୃତ୍ତ ରଖିବା ପାଇଁ ସହଯୋଗ ଲୋଡ଼ିବା ସହିତ ସହଯୋଗ କରିବାକୁ ଅନୁରୋଧ ମଧ୍ୟ କରିଛନ୍ତି। ଏଭଳି ସ୍ଥିତିରେ ରୋଗୀ ଓ ରୋଗୀଙ୍କ ସମ୍ପର୍କିୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ତୁରନ୍ତ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱକୁ ବୁଝି ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ପୋଲସରାବାସୀ ଦାବି କରିଛନ୍ତି।

# ଓମ୍‌ସାର ଆନ୍ଦୋଳନ ଜାରି; ରୋଗୀ ହନ୍ତସନ୍ତ

ଛତ୍ରପୁର,୨୭ ।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହି ପଦବୀ ସବୁ ପୂରଣ କରିବା ସହ ସୁରକ୍ଷା, ମୂଳ ଦରମା ବୃଦ୍ଧି ଭଳି ଅନ୍ୟାନ୍ୟ ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା)। ଶୁକ୍ରବାର ଠାରୁ ୧ ଘଣ୍ଟା ଆଉଟ୍‌ଡୋର (ବହିର୍ବିଭାଗ) ରୋଗୀସେବା ବନ୍ଦ କରଯାଇଛି। ଏହାକୁ ସମର୍ଥନ ଜଣାଇ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାନେ ମଧ୍ୟ ସାମିଲ ହୋଇଛନ୍ତି। ଆନ୍ଦୋଳନର ଦ୍ୱିତୀୟ ଦିନରେ ଉପଖଣ୍ଡ ଚିକିତ୍ସାଳୟରେ ଏକ ଘଣ୍ଟା ପର୍ଯ୍ୟନ୍ତ ରୋଗୀସେବା ବନ୍ଦ ରହିଥିଲା। ଫଳରେ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପଟେ ସରକାର ଡାକ୍ତରଙ୍କ ଦାବି ଗୁଡିକ ପୂରଣ କରିବା ସହିତ ରୋଗୀଙ୍କୁ ଉଚିତ ସେବା ଯୋଗାଇବା ନିମନ୍ତେ ସାଧାରଣରେ ଦାବି ହୋଇଛି।

**■ ଜିଲ୍ଲା ମୁଖ୍ୟାଳୟ ଉପରେ ପଡ଼ିଲା ନଜର**

# ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ହେବ ମ୍ୟୁନିସିପାଲିଟି

ଛତ୍ରପୁର,୨୭।୧୨(ସମିସ): ପ୍ରଥମ ପର୍ଯ୍ୟାୟରେ ଗଂଜାମ ଜିଲ୍ଲାର ଭଞ୍ଜନଗର, ପୋଲସରା ଓ କବିସୂର୍ଯ୍ୟନଗରର ବିଜ୍ଞାପିତ ଅଂଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର କିଛିଦିନ ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଗତ ୨୬ ତାରିଖରେ ଜିଲ୍ଲାର ସଦରମହକୁମା ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦକୁ ମ୍ୟୁନିସିପାଲଟି ମାନ୍ୟତା ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା-୩୧୫୭୭ ପ୍ରକାରେ ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରାଯାଇଛି। ଏଥିସହ ଆପତ୍ତି ଅଭିଯୋଗ ପାଇଁ ୩୦ ଦିନ ସମୟ ଧାର୍ଯ୍ୟ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୧ ଜନଗଣନା ପୂର୍ବରୁ ଛତ୍ରପୁର ମ୍ୟୁନିସିପାଲଟି ଗଠନ ପାଇଁ ଦାବି ଆରମ୍ଭ ହୋଇଥିଲା। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ସଂଘ ଏହି ଦାବି ଉଠାଇଥିଲେ। ଦୀର୍ଘବର୍ଷ ପରେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ୨୦୨୪ ଫେବୃଆରି ମାସରେ ଛତ୍ରପୁରୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ସାଧାରଣ ନିର୍ବାଚନ ପରେ ଏହି ପ୍ରକ୍ରିୟା ଥମି ଯାଇଥିଲା। ପୁଣି ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଛତ୍ରପୁର ମ୍ୟୁନିସିପାଲଟି ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଳମ୍ବରେ ହେଲେ ମଧ୍ୟ ଛତ୍ରପୁର ପାଇଁ ଏହି ଘୋଷଣା ସ୍ୱାଗତ ଯୋଗ୍ୟ, ଏହାଦ୍ୱାରା ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

# ପାଇଥିବା ମନିପର୍ସ ଫେରାଇଲେ ଫରେଷ୍ଟ ଗାର୍ଡ

ଗଞ୍ଜାମ,୨୭ ।୧୨(ସମିସ): ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ୧୬ ନଂ. ଜାତୀୟ ରାଜପଥ ନିକଟସ୍ଥ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇବାକୁ ଯାଉଥିବା ବେଳେ ସେଠାରୁ ଫରେଷ୍ଟ ଗାର୍ଡ ପ୍ରଶାନ୍ତ ନାୟକଙ୍କୁ ଏକ ମନି ପର୍ସ ମିଳିଥିଲା। ପର୍ସରେ ଆଠ ହଜାର ଟଙ୍କା ସହ ଆଧାର ଓ ପାନ୍‌କାର୍ଡ ରହିଥିଲା। ଆଧାର କାର୍ଡ ଦେଖିବା ପରେ ତାହା ପୁଇଁତୋଳା ଗ୍ରାମର ପଙ୍କଜ ପଲାଇଙ୍କର ପର୍ସ ବୋଲି ଜଣାପଡିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଫୋନରେ ଯୋଗାଯୋଗ କରି ପର୍ସ ଫେରାଇ ଥିଲେ ପ୍ରଶାନ୍ତ। ହଜିଥିବା ପର୍ସ ପାଇ ପଙ୍କଜ ପ୍ରଶାନ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଦାମୋଦରପୁର ଗ୍ରାମର ଫରେଷ୍ଟ ଗାର୍ଡ ପ୍ରଶାନ୍ତଙ୍କ ମହନିୟତାକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।



# ପ୍ରେମିକା ଘର ସମ୍ମୁଖରେ ପ୍ରେମିକର ଆତ୍ମାହୂତି ଉଦ୍ୟମ

ଆସିକା,୨୭ ।୧୨(ସମିସ): କୋଟିନଡ଼ା ଥାନା ଅନ୍ତର୍ଗତ ହରିଡାପଦର ଗ୍ରାମରେ ପ୍ରେମ ସମ୍ପର୍କର କରୁଣ ପରିଣତି ଦେଖିବାକୁ ମିଳିଛି। ପ୍ରେମିକା ଘର ସମ୍ମୁଖରେ ଆତ୍ମାହୂତି ଉଦ୍ୟମ କରିଛି ପ୍ରେମିକ। ପ୍ରେମିକ ଜଣକ ହେଲେ ସେହି ଗ୍ରାମର ସୁନୀଲ ନାହାକ(୩୯)। ଗୁରୁତର ଅବସ୍ଥାରେ ସୁନୀଲଙ୍କୁ ଆସିକା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୁନୀଲ ବିବାହିତ ଏବଂ ସେ ଯାହାକୁ ଭଲ ପାଉଥିଲେ ସେ ବି ବିବାହିତା ଥିବାବେଳେ ଏମାନଙ୍କ ସମ୍ପର୍କ ଦୀର୍ଘ ୧୦ ବର୍ଷର। ଶନିବାର କୌଣସି କାରଣରୁ ସୁନୀଲ ପ୍ରେମିକା ଘର ସମ୍ମୁଖରେ ଦେହରେ ନିଆଁ ଲଗାଇ ଦେଇଥିବା ବେଳେ ଶରୀରର ପ୍ରାୟ ୪୦ ଭାଗ ପୋଡ଼ି ଯାଇଛି। ହେଲେ କେଉଁ କାରଣରୁ ସେ ଏପରି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନି। ଅନ୍ୟପଟେ ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# ଟେଣ୍ଟ ହାଉସ ମାଲିକ ସଂଘର ବୈଠକ




ଛତ୍ରପୁର,୨୭ ।୧୨(ସମିସ): ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦ ନିକଟରେ ପଞ୍ଚସଖା ସପ୍ଲାଇର୍ସ ଏଣ୍ଡ ଟେଣ୍ଟ ହାଉସ ମାଲିକ ସଂଘର ସାଧାରଣ ବୈଠକ ସଭାପତି ସୀମାଞ୍ଚଳ ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲ୍ ଇଣ୍ଡିଆ ଭାଇସ ପ୍ରେସିଡେଣ୍ଟ ପ୍ରିୟବ୍ରତ ମଲ୍ଲିକ, ଜଏଣ୍ଟ ସେକ୍ରେଟାରୀ ସନାତନ ପରିଡା, ଆଇନଜୀବୀ ଲକ୍ଷ୍ମୀଚରଣ ଶତପଥି ଏବଂ ଓଡିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା ଅତିଥି ଭାବେ ଯୋଗଦେଇ ସଂଘର ମୂଳଲକ୍ଷ୍ୟ ଏବଂ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କ ଆଲୋଚନା କରିଥିଲେ। ଏହା ସହିତ ସଂଘର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ମାନେ ଆଗାମୀ ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଏଥିରେ ଛତ୍ରପୁର ଆଖପାଖ ଅଞ୍ଚଳର ବହୁ ଟେଣ୍ଟ ହାଉସ ମାଲିକ ଯୋଗଦେଇ ଖୁସି ଜାହିର କରିଥିଲେ। ଶେଷରେ ସଂଘର ସମ୍ପାଦକ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଇ. ରାଜକୁମାର, ନାରାୟଣ ସାହୁ, ବି. କୃଷ୍ଣ ମୂର୍ତ୍ତି, ସୁରେଶ ତ୍ରିପାଠୀ, ଗିରିଶ ବେହେରା, ବି. ଶ୍ରୀରାମ ମୂର୍ତ୍ତି, ସୁଶାନ୍ତ ରାଉଳ, ଇ. ଅନିଲ ଓ ଆପନ୍ନା ରେଡ୍ଡୀଙ୍କ ସମେତ ସମସ୍ତ କର୍ମକର୍ତ୍ତା।

# ୧୪ ଆଇନଜୀବୀ ହେଲେ ସରକାରୀ ଓକିଲ

ଆସିକା,୨୭ ।୧୨(ସମିସ): ଆସିକା ର ସର୍ବପୁରାତନ କୋର୍ଟ ନିମନ୍ତେ ପ୍ରକାଶ ପାଇଲା ସରକାରୀ ଓକିଲ ମାନଙ୍କ ନାମ ତାଲିକା ଏଥିରେ ନାରାୟଣ ମୁନି, ଚନ୍ଦ୍ର ଶେଖର ପାତ୍ର, ଶିବରାମ ପ୍ରଧାନ, ସନ୍ତୋଷ ମିଶ୍ର, ପ୍ରଭାତ ପାଢ଼ୀ, ନାରାୟଣ ବେହେରା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଶିଶିର କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ନାରାୟଣ ହୋତା, ଶରତ ଚନ୍ଦ୍ର ପାଢ଼ୀ, ଖୋକୋନ ରାଓ, ଅମର ବିଶ୍ୱାଳଙ୍କ ସମେତ ରାଜେଶ ପାତ୍ରଙ୍କ ନାମ ରହିଛି। ନବ ନିଯୁକ୍ତ ସମସ୍ତ ସରକାରୀ ଓକିଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଅଞ୍ଚଳବାସୀ।

# ରେଳ ପୋଲ ଉପରେ ଚଢ଼ିଗଲେ ମାନସିକ ବିକାରଗ୍ରସ୍ତ

ଗଞ୍ଜାମ,୨୭ ।୧୨(ସମିସ): ଶନିବାର ଅପରାହ୍ନରେ ଗଞ୍ଜାମ ଋଷିକୁଲ୍ୟା ରେଳ ବ୍ରିଜ ଉପରକୁ ହଠାତ ଜଣେ ଯୁବକ ଚଢି ଯାଇଥିଲେ। ପୋଲ ଉପରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଥିବାରୁ ତାହା ସଂସ୍ପର୍ଶରେ ଆସି ମୃତ୍ୟୁ ଆଶଙ୍କା ରହିଥିଲା। ସେହି ରାସ୍ତାଦେଇ ଆସୁଥିବା କଲ୍ୟାଣପୁର ଗ୍ରାମର କେ. ଏଲେୟା ରେଡି ଯୁବକକୁ ଦେଖି ତଳକୁ ଓହ୍ଲାଇ ଆସିବା।କୁ ନିବେଦନ କରିଥିଲେ।



ମାତ୍ର ସେ ନ ଆସିବାରୁ ବାଧହୋଇ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କୁ ଫୋନ୍ ଯୋଗେ ଡାକିଥିଲେ। ଖବର ପାଇ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କ ପରାମର୍ଶ କ୍ରମେ ଏସ୍‌ଆଇ ସୁଦୀପ୍ତ ସାହୁ, ଏଏସ୍‌ଆଇ ପ୍ରଦୀପ କୁମାର ବେହେରା, ଏଏସ୍‌ଆଇ ଟି. ଲୁଲା ଜେନା, କେ. ଶଙ୍କର ରାଓ ଏବଂ ଅଶ୍ୱିନୀ ପଟ୍ଟନାୟକଙ୍କ ସମେତ ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଅଶ୍ମିତ ପଣ୍ଡା, ବିଭୂତି ପଲାଇ, ପପୁ ପଣ୍ଡା, କାହ୍ନୁ ନାୟକ ପ୍ରମୁଖ ପହଞ୍ଚି ଯୁବକକୁ ତଳକୁ ଆସିବାପାଇଁ ବାରମ୍ବାର ଅନୁରୋଧ କରିଥିଲେ। ଦୀର୍ଘ ଏକ ଘଣ୍ଟା ପରେ ଯୁକକଙ୍କୁ ସ୍ଥାନୀୟ ଯୁବ ଗୋଷ୍ଠୀ ଓ ପୁଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଯୁବକ ଜଣଙ୍କ ଓହ୍ଲାଇବା ପରେ ସେ ଜଣେ ବିକୃତ ମାନସିକ ବ୍ୟକ୍ତି ବୋଲି ଜଣାପଡ଼ିଥିଲା।

# ସଂଘବଦ୍ଧ ଆକ୍ରମଣ ଓ ଲୁଟ୍; ୨ ଭାଇ ଗିରଫ

ବ୍ରହ୍ମପୁର,୨୭ ।୧୨(ସମିସ): ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ଗୁଡସେଡ୍‌ରୋଡ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ ହୋଇଛି। ୮ ରୁ ୧୦ ଜଣ ମିଶି ଗତକାଲି ରାତି ୧୦ଟା ବେଳେ ଖଣ୍ଡା ଓ କାତିରେ ୩ ଜଣଙ୍କୁ ରାସ୍ତାରେ ଅଟକାଇ ହାଣିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଆକ୍ରମଣକାରୀ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁଡ୍‌ସେଡ୍ ରୋଡ୍ ପୁଲିସ କଲୋନୀର ଶିଶିର ସାହୁ(୨୮) ଓ ତାଙ୍କ ଭାଇ ସୁଧିର ସାହୁ(୩୮)।

ସୂଚନାଥାଉକି, ଗୁଡ୍‌ସେଡ୍ ରୋଡ୍ ତ୍ରିନାଥ ମନ୍ଦିର ସାହିର ବାବୁ ବାରିକ ଗତକାଲି ନିଜ ଘରେ ଥିବାବେଳେ ଅଭିଯୁକ୍ତ ଶିଶିର ଓ ସୁଧିରଙ୍କ ଭାଇ ସୁଶାନ୍ତ ସାହୁ ଓରଫ ଟିମା ବାବୁଙ୍କୁ ଫୋନ କରି ଗାଳିଗୁଲଜ କରିଥିଲେ। ରାତି ୯ଟା ବେଳେ ଅଭିଯୁକ୍ତ ସୁଧିର ଫୋନ କରି କେଉଁଠି ଅଛୁ କହ ବୋଲି ବାବୁଙ୍କୁ ପଚାରିଥିଲେ। ସେହିଦିନ ରାତି ସାଢେ ୧୧ଟା ବେଳେ ବାବୁ ଓ ତାଙ୍କର ୨ ଜଣ ସାଙ୍ଗ ଯଥା ସୁକାନ୍ତ ସାମନ୍ତରା ଓ ରାଜୁ ତିୱାରୀ ନିକଟସ୍ଥ ଏକ ଢାବାରୁ ଖାଇ ଫେରୁଥିବା ବେଳେ ଅଭିଯୁକ୍ତ ଟିମା, ସୁଧିର ଓ ଶିଶିର ଗେଟବଜାର ଅଞ୍ଚଳର କିଛି ବ୍ୟକ୍ତିଙ୍କୁ ନେଇ ରାସ୍ତାରେ ଅଟକାଇଥିଲେ। ଏହାପରେ ଖଣ୍ଡା ଓ ହାମ୍‌ରରେ ବାବୁ ଓ ତାଙ୍କ ସାଙ୍ଗଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାବୁ ଗୁରୁତର ହୋଇଥିବା ବେଳେ ସୁକାନ୍ତ ଓ ରାଜୁଙ୍କ ମୁଣ୍ଡ ଓ ଆଖିରେ ଗଭୀର କ୍ଷତ ହୋଇଛି। ଏହାପରେ ଅଭିଯୁକ୍ତମାନେ ବାବୁଙ୍କ ଠାରୁ ୨ଟି ସୁନା ମୁଦି ଛଡାଇ ନେଇଥିବା ବେଳେ ସୁକାନ୍ତଙ୍କ ସୁନା ଚେନ ଓ ନଗଦ ୭୫ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେହିରାସ୍ତା ଦେଇ ଯାଉଥିବା ଗଣେଶ ଦାସ ଏହି ୩ ଜଣଙ୍କୁ ଦେଖି ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ଘଟଣାକୁ ନେଇ ବାବୁ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ସୁଧିର ଓ ଶିଶିରଙ୍କୁ ଗିରଫ କରାଯାଇଥିବା ବେଳେ ଏହି ସଂଘବଦ୍ଧ ଆକ୍ରମଣ ଓ ଲୁଟ ମାମଲରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୁଲିସ ଉଦ୍ୟମ ଚଳାଇଛି।

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଦିଗପହଣ୍ଡି, ୨୭ ।୧୨(ସମିସ): ଅନ୍ୟଜଣେ ମହିଳାଙ୍କ କଥାରେ ପଡ଼ି ବିବାହିତା ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଦିଗପହଣ୍ଡି ପୁଲିସ ଅଞ୍ଚଳ କଲୋନୀ ପ୍ରଥମ ଲେନ୍‌ର ଚନ୍ଦନ ପାତ୍ରକୁ ଗିରଫ କରିଛି। ସ୍ତ୍ରୀ ପ୍ରମିଳା ନାୟକଙ୍କ ଲିଖିତ ଅଭିଯୋଗ ପ୍ରକାରେ ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରିବା ସହ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜ କିଶୋର ପାତ୍ର ଅଭିଯୁକ୍ତକୁ ଗିରଫ ପରେ ଦିଗପହଣ୍ଡି କୋର୍ଟ ଚାଲାଣ କରିଥିଲେ। ଅଭିଯୋଗ ପ୍ରକାରେ ଅଞ୍ଚଳ କଲୋନୀର ଚନ୍ଦନ ୨୦୧୬ରେ ପ୍ରମିଳାଙ୍କୁ ସାନଖେମୁଣ୍ଡି ବ୍ଲକ ପାଟପୁର ନିକଟ ବୁଦ୍ଧେଶ୍ୱର ମନ୍ଦିରରେ ବିବାହ କରିଥିଲେ। ଚନ୍ଦନଙ୍କ ଦାବି ପ୍ରକାରେ ପ୍ରମିଳାଙ୍କୁ ବାପାଘର ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଦିଆଯାଇଥିଲା। କିନ୍ତୁ ବିବାହର କିଛିଦିନ ପରେ ସ୍ତ୍ରୀ ପ୍ରମିଳା ଗର୍ଭବତୀ ହେବାରୁ ଅଭିଯୁକ୍ତ ଚନ୍ଦନ ଔଷଧ ଦେଇ ତାଙ୍କର ୨ ଥର ଗର୍ଭ ନଷ୍ଟ କରିଥିଲେ। ଏହାପରେ ପାଟପୁର ଥାନା ଅଞ୍ଚଳର ଅନ୍ୟଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ପ୍ରମିଳାଙ୍କ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ସେହି ମହିଳାଙ୍କୁ ଦେଇ ଦେଇଥିଲେ। ସେହି ମହିଳାଙ୍କଠାରୁ ଗୋଟିଏ ଶିଶୁ ଜନ୍ମ ହେବା ପରେ ପ୍ରମିଳାଙ୍କ ଉପରେ ମାନସିକ ଓ ଶାରିରୀକ ନିର୍ଯାତନା ବଢ଼ିଥିଲା। ପୁଣି ଦୁଇ ଲକ୍ଷ ଟଙ୍କା ଦାବି କରି ଚନ୍ଦନ ତାଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ମାଡ଼ ମାରିବା ସହ ଗତ ଗୁରୁବାର ରାତିରେ ଗଳାଚିପି ହତ୍ୟା ଉଦ୍ୟମ କରିଥିଲେ। ରକ୍ଷିତା ସ୍ତ୍ରୀର କଥାରେ ଚନ୍ଦନ ଏଭଳି କରୁଥିବା ପ୍ରମିଳା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଚନ୍ଦନ ଦିଗପହଣ୍ଡି ଅଞ୍ଚଳର ଅନେକ ବ୍ୟକ୍ତିଙ୍କୁ ପ୍ଲଟ ବିକ୍ରି କରିବାର ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି।






**ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ଫାଇନାଲରେ ରମ୍ଭା କ୍ରିକେଟ କ୍ଲବ

ରମ୍ଭା,୨୭ ।୧୨(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଛି। ୫ମ ଦିନର ଖେଳ ରମ୍ଭା କ୍ରିକେଟ କ୍ଲବ ସହ ଭୁବନେଶ୍ୱର ଜୟଦେବ ସ୍ପୋର୍ଟ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ତପନ ସାମନ୍ତ ପ୍ରମୁଖ ମଞ୍ଚାସିନ ଇଥିଲେ। ରମ୍ଭା କ୍ରିକେଟ କ୍ଲବ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର ଟିମ୍ ୧୮ ଓଭର ୩ ଗୋଟି ବଲରେ ସମସ୍ତ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ ରମ୍ଭା କ୍ରିକେଟ କ୍ଲବ ୧୭ ଓଭରରେ ୫ଟି ୱିକେଟ ହରାଇ ୧୩୨ ରନ୍ ସଂଗୃହୀତ କରି ବିଜୟୀ ହୋଇଥିଲା। ଦଳ ଏଥିସହ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟାର ଭାବେ ଅବଦୁଲ ରହିମ ଖାନ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ହିମାଂଶୁ ବୈଠାରୁ ଦେଇଥିଲେ। ଏଥିରେ ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁଦ୍ରା ଧାରା ବିବରଣୀ ଦେଇଥିଲେ। ସ୍କୋରର ଦାୟିତ୍ୱରେ ଜଗନ୍ନାଥ ଚୌଧୁରୀ(ବ୍ରହ୍ମପୁର) ରହିଥିଲେ। ଅମ୍ପାୟାର ଅବଦୁଲ ରହିମ ଖାନ(ଖୋର୍ଦ୍ଧା), ଆଶୁତୋଷ ପାଣି (ଯାଜପୁର) ରହିଥିଲେ।







## ଏକାଦଶତମ ପଞ୍ଚାୟତ ସମିତି ବୈଠକ

# 'ଗାଦିମଡ଼ା ଶିକ୍ଷକ ନିଜକୁ ସରପଞ୍ଚ ଭାବିଲେଣି'

ଛତ୍ରପୁର,୨୭ ।୧୨(ସମିସ)

ଛତ୍ରପୁର ବ୍ଲକ ଅଧୀନରେ ବର୍ଷ ବର୍ଷ ଧରି ଗୋଟିଏ ବିଦ୍ୟାଳୟରେ ବହୁ ଶିକ୍ଷକମାନେ ରହିଛନ୍ତି। ସେମାନେ ପିଲାଙ୍କୁ ପାଠପଢ଼ାଇବା ବଦଳରେ ରାଜନୀତି ସହ ଅନ୍ୟାନ୍ୟ କାର୍ଯ୍ୟରେ ଜଡ଼ିତ ରହୁଛନ୍ତି। ସେହି ଶିକ୍ଷକମାନଙ୍କ ବିସ୍ତାର ଏତେ ବଢ଼ିଗଲାଣି ଯେ, ସେମାନେ ନିଜେ ନିଜକୁ ସେହି ଅଂଚଳର ସରପଞ୍ଚ ବୋଲି ମନେ କରୁଛନ୍ତି। ଏଭଳି ବିଶୃଙ୍ଖଳାକାରୀ ଶିକ୍ଷକମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ଶୁକ୍ରବାର ଛତ୍ରପୁର ପଞ୍ଚାୟତ ସମିତିର ଏକାଦଶତମ ବୈଠକରେ ଛତ୍ରପୁର ବ୍ଲକ ସରପଞ୍ଚ ସଂଘର ସଭାପତି ତଥା ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ ଅଭିଯୋଗ କରିଛନ୍ତି।

ବୈଠକରେ ବ୍ଲକ ଅଧ୍ୟକ୍ଷା କିରନ୍ କୁମାରୀ ଦାସ ସଭାପତିତ୍ୱ କରି ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଦଳମତ ନିର୍ବିଶେଷରେ ସମସ୍ତେ ସାମୂହିକ ବିକାଶ ଦିଗରେ ଧ୍ୟାନ ଦେଇ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ। ମୃତିକା ସଂରକ୍ଷଣ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟ ଗୁଡିକ ସଠିକ ଭାବେ ହୋଇନଥିବା ଅଭିଯୋଗ ଆସିଛି। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟଚାଷ, ପଶୁପାଳନ, କୃଷି, ସାମାଜିକ ସୁରକ୍ଷା, ଓଡିଶା ଜୀବିକା ମିସନ୍, ଗ୍ରାମ୍ୟ ପାନୀୟ ଜଳ, ସାଧାରଣ ବଣ୍ଟନ, ଅନୁସୂଚିତ ଜାତି ଓ ଜନଜାତି ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତ ନେଇ ପଂଚାୟତ ସମିତି ବୈଠକ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ସ୍ଥିର ହୋଇଥିଲା। ସେହିପରି ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିରରେ ଯେଉଁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପ୍ରମାଣପତ୍ର ପାଇଁ ଆବେଦନ ହୋଇଥିଲା ତାହା ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇନଥିବା ନେଇ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ସୁନ୍ଦରପୁର ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର ହୋଇନଥିବା ବେଳେ ଡାକ୍ତର ନିଯୁକ୍ତି ବିଷୟରେ ଆଲୋଚନା ହୋଇଥିଲା। ମୁନିସିପେଣ୍ଟ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥ ଏଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି କିଛି ପଂଯାଚତ ପ୍ରତିନିଧିଙ୍କ ଅଭିଯୋଗରେ ଛତ୍ରପୁର ବିଡିଓ ସମ୍ବିତ୍ ସଂଗ୍ରାମଜିତ୍ ସାହୁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ବିକାଶମୂଳକ ଯୋଜନା ସଠିକ୍ ନିୟମାବଳୀ ମଧ୍ୟରେ ହେଉଛି। ବ୍ଲକ ଉପାଧ୍ୟକ୍ଷା ଏସ୍.ଶାରଦା ରେଡ୍ଡୀ, ଏବିଡିଓ ଜୟଶ୍ରୀ ନାୟକ, ସାଂସଦ ପ୍ରତିନିଧି ଆର୍.ସନ୍ତୋଷ ରେଡ୍ଡୀ, ଛତ୍ରପୁର ବିଧାୟକ ପ୍ରତିନିଧି ସରୋଜ କୁମାର ଦାସ ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ବିପୁଲିଙ୍ଗି ସରପଞ୍ଚ ହିନା ସେଠୀ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ସଞ୍ଜିବ୍ ରେଡ୍ଡୀ, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ଚମାଖଣ୍ଡି ସରପଞ୍ଚ ସିଏଚ୍. ମନୋଜ ରେଡ୍ଡୀ, ସମିତିସଭ୍ୟା ସୁଜ୍ଞାନୀ ସେଠୀ, ସମିତିସଭ୍ୟ ଏନ୍.ରମେଶ ରେଡ୍ଡୀ, ଶମ୍ଭୁନାଥ ସ୍ୱାଇଁ ଓ ରାମଚନ୍ଦ୍ର ପରିଡା ପ୍ରମୁଖ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

**ତୁରନ୍ତ ବଦଳି ପାଇଁ ସରପଞ୍ଚ ସଂଘ ସଭାପତିଙ୍କ ଦାବି**

## କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ମହୋତ୍ସବ

ଗଞ୍ଜାମ,୨୭।୧୨(ସମିସ): ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ସ୍ଥାନୀୟ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିଗଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଗଞ୍ଜାମ ପ୍ରେସ୍ କ୍ଲବର ସଭାପତି ଶବର ତରାଇ ଓ ପୂର୍ବତନ ପାଳିବନ୍ଧ ସରପଞ୍ଚ ଦିଲ୍ଲୀପ ଛୋଟରାୟ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପତି ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମନୋଜ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ଯୁବ ପ୍ରତିଭା ମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ପ୍ରୟାସ ବୋଲି ପ୍ରକାଶ କରିଥିଲେ। ଓଡିଶା ସମ୍ବାଦିକ ସଙ୍ଘର ଉପ ସଭାପତି ପ୍ରଶାନ୍ତ ମହାରଣା, ମିଡ଼ିଆ ହାଉସ ସଭାପତି ଦୁର୍ଗାମାଧବ ପାଣିଗ୍ରାହୀ, ଛତ୍ରପୁର ପ୍ରେସକ୍ଲବ ସଭାପତି ସରୋଜ କୁମାର ସାମଲ, ଯୁବ ସଂଗଠକ ତଥା ୟୁଥ୍ ଫର ଭିଲେଜ ପ୍ରତିଷ୍ଠାତା ଡି. ଦେବହରି ରେଡି, ଜେଏସ୍ଏସ୍ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବାଦଲ କୁମାର ଜେନା, ଗଞ୍ଜାମ ପ୍ରେସ୍ କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ଶିକ୍ଷାବିତ୍ ସିଲୁ ବେଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଉପସଭାପତି ରାକେଶ କୁମାର ନାୟକ, ମହାପ୍ରସାଦ ମହାପାତ୍ର, ଚନ୍ଦନ ନାୟକ, ସୁଦର୍ଶନ ପାଢ଼ୀ, ସୁନିଲ କୁମାର ସାବତ, ସାଗରୀକା ସାମଲ, ରାଧାରମଣ ପାଢ଼ୀ, ବନ୍ଦନା ସାହୁ, ତ୍ରିନାଥ ବେହେରା, ଚିନୁ ବୈଠାରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ସେବା ଯୋଜନା ଶିବିର

କୋଦଳା,୨୭ ।୧୨(ସମିସ): ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ମହିଳା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧନା କର୍ମୀ ଭାବରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ବିନୋଦ କୁମାର ମିଶ୍ର ଯୋଗଦେଇ ଉପସ୍ଥିତ ସ୍ୱେଚ୍ଛାସେବୀମାନଙ୍କୁ ନାରୀ ଶିକ୍ଷା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସାଗରିକା ଦାଶଙ୍କ ତତ୍ତ୍ୱାବଧାନରେ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଶିବିର ପରିଦର୍ଶନ କରି ଶିବିରର ସୁପରିଚାଳନା ସମ୍ପର୍କରେ ସଂଯୋଜିକା ଓ ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା କରିଥିଲେ।

## ବ୍ଲକସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ

ବୁଗୁଡ଼ା,୨୭ ।୧୨(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ସେବା ସମବାୟ ସମିତିରେ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ଦ୍ୱିତୀକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡ଼ା ଏସ୍ଆର୍ସି ଏସ୍ ନୃସିଂହ ଚରଣ ପଣ୍ଡା, କୃଷି ଅଧିକାରୀ ହରପ୍ରିୟା ବେହେରା, ଏମ୍ଆଇ ବିବେକାନନ୍ଦ ମହାନ୍ତି, ମୋଟାବାଡି ସେବା ସମବାୟ ସମିତିର ସଭାପତି ପବିତ୍ର ଆରୁଖ, ଆମ୍ବା ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧ ହରିକୃଷ୍ଣ ସାହୁ, ବସନ୍ତ କୁମାର ଦଳେଇ, ବସନ୍ତ ସାମଲ, ଭାଗ୍ୟବତୀ ଗୌଡ଼, ସମସ୍ତ ସେବା ସମବାୟ ସମିତିର ସଂପାଦକ, ଡିଇଓ ସମସ୍ତ ମିଲର୍ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ବବୁଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଋଷିକୁଲ୍ୟା ରୟତ ମହାସଂଘର ଦାବିପତ୍ର

ପୁରୁଷୋତ୍ତମପୁର,୨୭ ।୧୨(ସମିସ): ପୁରୁଷୋତ୍ତମପୁରରେ ଖୁବ୍‌ଶୀଘ୍ର ମଣ୍ଡି ଖୋଲିବା ନେଇ ଦାବି କରିଛି ଋଷିକୁଲ୍ୟା ରୟତ ମହାସଂଘ। ଶୁକ୍ରବାର ସଂଘର ସମ୍ପାଦକ ସୀମାଞ୍ଚଳ ନାୟକଙ୍କ ନେତୃତ୍ୱରେ ପୁରୁଷୋତ୍ତମପୁର ବ୍ଲକର ଶତାଧିକ ଚାଷୀ ମଣ୍ଡି ଖୋଲିବା ବିଳମ୍ବ ନେଇ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଜିଲ୍ଲାରେ ଯଦିଓ ଗତ୨୩ ତାରିଖରୁ ମଣ୍ଡି ଖୋଲାଯାଇଛି କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପୁରୁଷୋତ୍ତମପୁର ମଣ୍ଡି ଖୋଲିନାହିଁ। ଫଳରେ ଶହ ଶହ ଚାଷୀ ଅମଳ ଧାନକୁ ଜମି ଓ ଘର ବାରଣ୍ଡାରେ ପକାଇ ରଖିଛନ୍ତି। ଆଗାମୀ ଦିନରେ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଉଥିବା ବେଳେ ଯଦି ଖୁବ୍‌ଶୀଘ୍ର ମଣ୍ଡି ନ ଖୋଲିବ ତେବେ ବର୍ଷାରେ ନଷ୍ଟ ହୋଇଯିବ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ। ତେଣୁ ତୁରନ୍ତ ମଣ୍ଡି ଖୋଲାଯାଉ ବୋଲି ଦାବି କରିଛି ମହାସଂଘ। ସେପଟେ ପୁରୁଷୋତ୍ତମପୁର ବ୍ଲକରେ ରହିଥିବା ୨୭ଟି ପଞ୍ଚାୟରେ ୨୯ଟି ମଣ୍ଡି ଖୋଲାଯିବ। ୨୯ଟି ମଣ୍ଡି ମଧ୍ୟରୁ ୧୪ଟି ମଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବାକୁ ଥିବା ବେଳେ ଅନ୍ୟ ୧୫ଟି ମଣ୍ଡିକୁ ସୋସାଇଟି ପରିଚାଳନା କରିବେ। ଏନେଇ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। ଟୋକନ ମିଳି ନଥିବାରୁ ବିଳମ୍ବ ହେଲା। ଖୁବଶୀଘ୍ର ମଣ୍ଡି ଖୋଲାଯିବା ସହିତ କିଭଳି ଚାଷୀମାନେ ନିଜ ଧାନକୁ ମଣ୍ଡିରେ ଆଣି ଦେଇପାରିବେ ସେ ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାସହ ସୁରୁଖୁରୁରେ ମଣ୍ଡିରେ ଧାନ ଗ୍ରହଣ କରାଯାଇପାରିବ ସେ ନେଇ ମଧ୍ୟ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ତତ୍ପର ରହି କାମ କରୁଛି ବୋଲି କହିଛନ୍ତି ପୁରୁଷୋତ୍ତମପୁର ବିଡ଼ିଓ ଶରତ କୁମାର ପାତ୍ର।




## 'ସାମ୍ରାଜ୍ୟବାଦୀ ଫାସିବାଦ-ବିଶ୍ୱଶାନ୍ତି ପାଇଁ ବିପଦ' ଆଲୋଚନାଚକ୍ର

ଛତ୍ରପୁର,୨୭ ।୧୨(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଜିଲ୍ଲା ସଭାପତି ତଥା ଆଇନଜୀବୀ ହର ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ "ସାମ୍ରାଜ୍ୟବାଦୀ ଫାସିବାଦ-ବିଶ୍ୱଶାନ୍ତି ପାଇଁ ବିପଦ' ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଇସକଫ ଗଞ୍ଜାମ ଜିଲ୍ଲା ସମ୍ପାଦକ କୈଳାଶ ପଲାଇ, ଆଇନଜୀବୀ ଆଦିତ୍ୟ ନାରାୟଣ ମିଶ୍ର, ପୂର୍ବତନ ଛତ୍ରପୁର ଏନ୍ଏସି ଉପାଧ୍ୟକ୍ଷ ଝୁଲି ବେହେରା, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ନୀଳକଣ୍ଠ ଦାଶ, ସିଏଚ ଜନାର୍ଦ୍ଦନ ରେଡ୍ଡୀ, ଏସ. କ୍ରିଷ୍ଣା ରେଡ୍ଡୀ, ରାଜେନ୍ଦ୍ର ନାହାକ, ପ୍ରଫୁଲ କୁମାର ପାଣିଗ୍ରାହୀ ଏନ. ସୁକାନ୍ତ ଆଚାରୀ ଓ ନବୀନ ଗୌଡ଼ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଇସକଫର ରାଜ୍ୟ ସଭାପତି ଶ୍ରୀ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିବା ବେଳେ ଜିଲ୍ଲା ସମ୍ପାଦକ ଶ୍ରୀ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଅଦାଲତରେ ୧୪ ସରକାରୀ ଓକିଲ ନିଯୁକ୍ତ

ଛତ୍ରପୁର,୨୭ ।୧୨(ସମିସ): ଛତ୍ରପୁରର ୧୪ ଜଣ ସରକାରୀ ଓକିଲ ନିଯୁକ୍ତ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ୪ ଜଣଙ୍କୁ ନିଯୁକ୍ତି ମିଳିଥିବା ବେଳେ ଏଜିପି ଭାବେ ସନ୍ତୋଷ କୁମାର ସାହୁ, ଏନ୍‌ଡିପିସି ଆକ୍ଟ ପାଇଁ ସ୍ୱତନ୍ତ୍ର ପିପି ଭାବେ ବ୍ରଜମୋହନ ଆଚାର୍ଯ୍ୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଆକ୍ଟ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ପିପି ଭାବେ ପ୍ରଦୀପ କୁମାର ପାଢୀ ଏବଂ ସହଯୋଗୀ ଭାବେ ଓକିଲ ଗଙ୍ଗାଧର ପଣ୍ଡାଙ୍କୁ ନିଯୁକ୍ତ ପାଇଛନ୍ତି। ସେହିପରି ଦେୱାନୀ ବିଚାରପତି ବରିଷ୍ଠ ବଭାଗ ଅଦାଲତରେ ଏଜିପି ଭାବେ ପଦ୍ମଚରଣ ସାହୁଙ୍କୁ ନିଯୁକ୍ତ ମିଳିଥିବା ବେଳେ ତାଙ୍କୁ ସହଯୋଗୀ ଭାବେ ନରସିଂହ ପାଢୀଙ୍କୁ ନିଯୁକ୍ତି ମିଳିଛି। ଦେୱାନୀ ବିଚାରପତି କନିଷ୍ଠ ବିଭାଗ ତଥା ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ ଅଦାଲତରେ ଆସିଷ୍ଟାଣ୍ଟ ପିପି ଭାବେ ବାବୁ ନାହାକ, ଏମ.ମୋହନ ରେଡ୍ଡୀ ଓ ଚୈତନ୍ୟ ପ୍ରଧାନଙ୍କୁ ନିଯୁକ୍ତ ମିଳିଛି। ନାବାଳକ ବିଚାରବିଭାଗ ଅଦାଲତାରେ ଆସିଷ୍ଟାଂଟ ପିପି ଭାବେ ଶିବପ୍ରସାଦ ସାହୁ, ପି.ଧର୍ମା ରେଡ୍ଡୀ ଓ ଉମାକାନ୍ତ ତ୍ରିପାଠୀଙ୍କୁ ନିଯୁକ୍ତ ମିଳିଛି। ପ୍ରଥମଶ୍ରେଣୀ ବିଚାରପତି ବିଭାଗୀୟ ଅଦାଲତରେ ଆସିଷ୍ଟାଣ୍ଟ ପିପି ଭାବେ ମନୋଜ କୁମାର ବେହେରା ଓ ପ୍ରଶାନ୍ତ କୁମାର ମହାନ୍ତିଙ୍କ ନିଯୁକ୍ତ ମିଳିଛି। ଛତ୍ରପୁର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ପାଇଁ ଆସିଷ୍ଟାଣ୍ଟ ପିପି ଗିରିଶ କୁମାର ଶତପଥୀ ଓ ଗଞ୍ଜାମ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ପାଇଁ କେଶବ ବିହାରୀ ନାୟକଙ୍କୁ ନିଯୁକ୍ତ ମିଳିଛି।

## ବସ୍ ମାଲିକଙ୍କ ଦ୍ୱାଦଶାହରେ ଯୋଗଦେଲେ ବିଧାୟକ

କୁକୁଡ଼ାଖଣ୍ଡି,୨୭ ।୧୨(ସମିସ): ମହୁରିକାଳୁଆ ବସ୍ ମାଲିକ ସଂଘର ସଦସ୍ୟ ତଥା କୁକୁଡ଼ାଖଣ୍ଡି ଗ୍ରାମର ଅରକ୍ଷୀତ ଜେନାଙ୍କ ଗତ ୧୬ ତାରିଖରେ ପରଲୋକ ଘଟିଥିଲା। ଶନିବାର ତାଙ୍କ ଦ୍ୱାଦଶାହରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଜେନା ହିଞ୍ଜିଳିକାଟୁ ବ୍ୟାଘ୍ରଦେବୀ ବସ ମାଲିକ ସଙ୍ଘର ଜଣେ ସକ୍ରୋଟ ସଦସ୍ୟ ଥିଲେ ବୋଲି କହିଥିଲେ। ଏହି ଅବସରରେ କଂଗ୍ରେସର ଛାମୁଆ ନେତା ତଥା ପୂର୍ବତନ କଂଗ୍ରେସ ବ୍ଲକ ସଭାପତି ପି. ଶିବ ପ୍ରସାଦ ଦୋରା, ଅଦଳ ଭରତ, ସୁଦର୍ଶନ ସେଠି ଉପସ୍ଥିତ ଥିଲେ। ତାଙ୍କସହ ତାଙ୍କର ଦୁଇ ପୁଅ ନାତି ନାତୁଣୀ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ।



## ସରକାରୀ ଓକିଲ ହେଲେ ମୁରଲୀଧର

କବିସୂର୍ଯ୍ୟନଗର,୨୭ ।୧୨(ସମିସ): କବିସୂର୍ଯ୍ୟନଗର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପାଇଁ ସରକାରୀ ଓକିଲ ଭାବେ ମୁରଲୀଧର ପାଣିଗ୍ରାହୀଙ୍କୁ ନିଯୁକ୍ତି ମିଳିଛି। ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ସହ ରିମାଣ୍ଡର ଆଡ଼ଭୋକେଟ୍, ପାରାଲିଗାଲ ଭଲ୍ୟୁଣ୍ଟର ଭାବେ ପୂର୍ବରୁ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସଫେଇ କର୍ମଚାରୀଙ୍କୁ କମ୍ବଳ ବଣ୍ଟନ



ବ୍ରହ୍ମପୁର,୨୭।୧୨(ସମିସ): ଗଜପତି ନଗରରେ ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ପକ୍ଷରୁ ୩୧ଜଣ ସଫେଇ କର୍ମଚାରୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମର ୩୫ନମ୍ବର ୱାଡର୍ କର୍ପୋରେଟର ସମୀର କୁମାର ମିଶ୍ର ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସୁକାନ୍ତ ପଟ୍ଟନାୟକ ପରିଚାଳନା କରିଥିବା ବେଳେ କର୍ପୋରେଟର ପ୍ରତିନିଧି ମୁନା ଦାସ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କ୍ଲବର ସଭାପତି ନବୀନ ଚନ୍ଦ୍ର ଶତପଥି, କୋଷାଧ୍ୟକ୍ଷ ସବିତା ପାଣିଗ୍ରାହୀ, ହରିହର ଦାସ, ଅରୁଣ ପ୍ରସାଦ ପଣ୍ଡା, ସୁଜୟୋ କୁମାର ଦାସ, ପି. ଧର୍ମା ରାଓ ଏବଂ ଲୋକନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଓକିଲ ହେଲେ ୪ ଆଇନଜୀବୀ



ପୋଲସରା,୨୭ ।୧୨(ସମିସ): ପୋଲସରାରୁ ୪ ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ପୋଲସରା କୋର୍ଟ ପାଇଁ ରମେଶ ଚନ୍ଦ୍ର ପ୍ରଧାନ ଓ ବ୍ରଜବନ୍ଧୁ ଦଳବେହେରା ଏବଂ ପୋଲସରା ତହସିଲ ପାଇଁ ସଚିଦାନନ୍ଦ ପାଣିଗ୍ରାହୀ ଓ ସୁଧାଂଶୁ ଶେଖର ପ୍ରଧାନଙ୍କୁ ଆଇନ ବିଭାଗ ଚିଠି ସଂଖ୍ୟା-୨୧୩୨୧ରେ ନିଯୁକ୍ତି ନେଇ ପ୍ରକାଶ ପାଇଥିବାବେଳେ ଡିସେମ୍ବର ୨୪ ତାରିଖରେ ଘୋଷଣା ପରେ ପୋଲସରା ଜେଏମଏଫସିଙ୍କ କାର୍ଯ୍ୟାଳୟରେ ୨୬ ଡିସେମ୍ବର ୨୫ ତାରିଖରେ ନିଯୁକ୍ତି ମିଳିଥିବା ଜଣାପଡିଛି। ନବ ନିଯୁକ୍ତି ସରକାରୀ ଓକିଲଙ୍କୁ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁଭେଚ୍ଛା ଜଣାଇବା ସହିତ ପୋଲସରା ଓକିଲ ସଂଘ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା, କୃତଜ୍ଞତା ଜଣାଇଥିଲେ।

## ଡିଇଓଙ୍କ ସହ ଶିକ୍ଷକ ସଂଘର ଆଲୋଚନା



ଛତ୍ରପୁର,୨୭ ।୧୨(ସମିସ): ଗଞ୍ଜାମ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡର)ର ଜିଲ୍ଲା ସଭାପତି ତଥା ରାଜ୍ୟ ଉପସଭାପତି ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଜୟ ପାତ୍ରଙ୍କୁ ସାକ୍ଷାତ କରି ଏକ୍ସ କ୍ୟାଡର ଓ ଗଣଶିକ୍ଷକ ମହାସଂଘର ବିଭିନ୍ନ ଦାବିନେଇ ଆଲୋଚନା ହୋଇଥିଲା। ଅତିଶୀଘ୍ର କାର୍ଯ୍ୟଗୁଡିକ ହାତକୁ ନେବାପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଦାବି ଗୁଡିକ ହେଲା ଓଟିଇଟି / ଏସଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗଣଶିକ୍ଷକ ମାନଙ୍କୁ ନିୟମିତ କରିବା। ଓଟିଇଟି / ଏସଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକ ଙ୍କ ପିରିଅଡିକାଲ ଇଂକରିମେଣ୍ଟ କରିବା। ଏନପିଏସ (ପ୍ରାନ) ସମ୍ବନ୍ଧୀୟ ଅର୍ଥ ଶିକ୍ଷକଙ୍କ ଦରମାରୁ କାଟିଥିଲେ ମଧ୍ୟ ଡିପୋଜିଟ ନ ହୋଇ ବ୍ଲକ ସ୍ତରରେ ରହିବା ଯୋଗୁଁ କେହିବି ମୃତ୍ୟୁବରଣ କଲେ/ ଅବସର ନେଲେ ଆର୍ଥିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ କରିବା। ବିଭିନ୍ନ ସମୟରେ ମୃତ୍ୟୁବରଣ କରିଥିବା ଶିକ୍ଷକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆରଏ. ସ୍କିମରେ ଅନୁକମ୍ପା ମୂଳକ ଚାକିରୀ ପ୍ରଦାନ କରିବା। ଜିଲ୍ଲା ସମ୍ପାଦକ ଲଲାଟ କୁମାର ସାହୁ, ଛତ୍ରପୁର ବ୍ଲକ ସଭାପତି ସୁରେଶ କୁମାର ମହାନ୍ତି, ରଙ୍ଗେଇଲୁଣ୍ଡା ବ୍ଲକର ସମ୍ପାଦକ ଟି. ସଂଜୀବ ରେଡ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଶତପଥୀ ମୁନି ଓ ରାମଚନ୍ଦ୍ର ପ୍ରଧାନ ଦିଗପହଣ୍ଡି ବ୍ଲକର କୋରେସୁ ଡାକୁଆ ଓ ଅନ୍ୟମାନେ ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନେଇଥିଲେ। ଏନେଇ ଏକ ପ୍ରେସ ରିଲିଜ ଜରିଆରେ ବିଷ୍ଣୁ ପଣ୍ଡା ସୂଚନା ଦେଇଛନ୍ତି।

# ଲ' ଅଫିସର ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ

ବ୍ରହ୍ମପୁର,୨୭।୧୨(ସମିସ)

ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋର୍ଟ ପାଇଁ ବହୁ ପ୍ରତିକ୍ଷିତ ସରକାରୀ ଓକିଲ ବା ଲ' ଅଫିସରଙ୍କ ନାମ ତାଲିକା ସମ୍ବଳିତ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଜାରି ହୋଇଥିବା ଏହି ବିଜ୍ଞପ୍ତିର ଏକକିତା ନକଲ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି। ପ୍ରକାଶିତ ତାଲିକା ପ୍ରକାରେ ଜିପି ଭାବେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଏନ୍‌ଡିପିଏସ୍ ମାମଲା ପାଇଁ ସ୍ୱତନ୍ତ୍ର ପିପି ଭାବେ ରଘୁନାଥ ପ୍ରସାଦ ପାଣିଗ୍ରହୀ, ସ୍ୱତନ୍ତ୍ର ପିପି ଏସସି ଆଣ୍ଡ ଏସଟି ଆକ୍ଟ ପାଇଁ ତ୍ରିପତି ପ୍ରସାଦ ସାହୁ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ଅଶୋକ କୁମାର ଶୁକ୍ଳା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ପ୍ରଥମ)ଙ୍କ କୋର୍ଟରେ ଏଜିପି ଭାବେ ସତ୍ୟନାରାୟଣ ପଣ୍ଡା, ଆସୋସିଏଟ ଲୟର ଅନୋଜ କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ପିପି ଏସସି ଆଣ୍ଡ ଏସଟି ଆକ୍ଟ ରାମ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଜିଲ୍ଲା ଦୌରା ଜଜ୍(ଦ୍ୱିତୀୟ)ଙ୍କ କୋର୍ଟରେ ଏଜିପି ଭାବେ ବିରୂପାକ୍ଷ ପାତ୍ର, ଆସୋସିଏଟ ଏୟର ଭାବେ ଅରୁଣ କୁମାର ବିଶ୍ୱାଳ, ସ୍ୱତନ୍ତ୍ର ପିପି ଏନଡିପିଏସ ଆକ୍ଟ ରବୀନ୍ଦ୍ର କୁମାର ସାହୁ, ସ୍ପେଶାଲ ପିପି ଏସସି ଆଣ୍ଡ ଏସଟି ଆକ୍ଟ ଅଶୋକ କୁମାର ମହାପାତ୍ର।

ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ଅଜିତ କୁମାର ସାହୁ ଏବଂ ଆସୋସିଏଟ ଲୟର ଭାବେ ପର୍ଶୁରାମ ବେହେରା ଓ ପ୍ରମୋଦ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ଜଣାପଡିଛି। ସେହଭଳି ସ୍ୱତନ୍ତ୍ର ପକ୍ସୋ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ନାରାୟଣ ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ (ଏଲଆର) କୋର୍ଟରେ ଅତିରିକ୍ତ ପିପି ଭାବେ ଭଗବାନ ଷଡଙ୍ଗୀ, ସ୍ୱତନ୍ତ୍ର ପିପି ଭାବେ ମାଗୁଣି ଚରଣ ପଲାଇ, ଆସୋସିଏଟ ଲୟର ଭାବେ ବିଭୁଦତ୍ତ ସାମନ୍ତରାୟ, ଓପିଆଇଡି କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ଆସୋସିଏଟ ଏୟର ଭାବେ ଶୈଳେନ୍ଦ୍ର କୁମାର ମିଶ୍ର, ଆଡହକ ଏଡିଜେ (ଏଫ୍‌ଟିଏସସି) କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ଡଃ ଶିବପ୍ରସାଦ ମିଶ୍ର, ସିଜେଏମ କୋର୍ଟରେ ଆସୋସିଏଟ ଏୟର ମନୋରଂଜନ ଗୌଡ, ଆସିଷ୍ଟାଣ୍ଟ ପିପି ବରୁଣ ଗୌଡ ଓ ଗୌରଚନ୍ଦ୍ର ଭଞ୍ଜମିଶ୍ର, ଅତିରିକ୍ତ ସିଜେଏମଙ୍କ କୋର୍ଟରେ ଆସିଷ୍ଟାଣ୍ଟ ପିପି ଅରୁଣ କୁମାର ସ୍ୱାଇଁ। ରେଜିଷ୍ଟ୍ରାର ସିଭିଲ କୋର୍ଟରେ ଆସୋସିଏଟ ଲୟର ମମତା ପାଢୀ, ସିଭିଲ ଜଜ୍‌ଙ୍କ କୋର୍ଟରେ ଏଜିପି ଲକ୍ଷ୍ମୀ ନାରାୟଣ ଦାଶ, ସିଭିଲ ଜଜ୍ ସିନିଅର (ଏଲଆର)ଙ୍କ କୋର୍ଟରେ ଏଜିପି ବାଳକୃଷ୍ଣ ପଲାଇ, କମର୍ସିଆଲ କୋର୍ଟରେ ଆସୋସିଏଟ ଲୟର ରମେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଥମ ଅତିରିକ୍ତ ସିଭିଲ ଜଜ୍ (ସିନିଅର ଡିଭିଜନ)ଙ୍କ କୋର୍ଟରେ ଏଜିପି ପ୍ରଶାନ୍ତ କୁମାର ନାୟକ, ଆସୋସିଏଟ ଲୟର ପ୍ରଦୀପ କୁମାର ବସନ୍ତିଆ। ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍‌ଙ୍କ କୋର୍ଟରେ ଏଜିପି ବୀରେନ୍ଦ୍ର କୁମାର ପାଢୀ, ଏସଡିଜେଏମଙ୍କ କୋର୍ଟରେ ଅସିଷ୍ଟାଣ୍ଟ ପିପି ମାନଭଞ୍ଜନ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ନାୟକ ଓ ତ୍ରିମୁଳା କୁମାର ରେଡ୍ଡୀ। ସେହିଭଳି ସିଭିଲ ଜଜ୍ ଜୁନିଅର ଡିଭିଜନଙ୍କ କୋର୍ଟରେ ଏଜିପି ଡଃ ନମିତା ରାଣୀ ପଣ୍ଡା, ଜେଏମଏଫସି ଟ୍ରାନ୍ସପୋର୍ଟ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ମଦନ ମୋହନ ପାତ୍ର, ସୁଧାଂଶୁ ଶେଖର ସେଠୀ ଓ ଦେବଦର୍ଶନୀ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଜେଏମଏଫସି କୋର୍ଟରେ ବିଘ୍ନରାଜ ନାୟକ, ଉମା ଶତପଥୀ, ଶ୍ରୀମନ୍ତ ପଣ୍ଡା, ସୁକାନ୍ତ କୁମାର ଗୌଡ ଓ ରବୀନ୍ଦ୍ରନାଥ ସେଠୀ। ଜେଏମସି ରୁରାଲ କୋର୍ଟରେ ଆସିଷ୍ଟାଣ୍ଟ ପିପି ଅମୀୟ କୁମାର ସାହୁ, କେଦାରନାଥ ମହାପାତ୍ର ଓ ଏମ ସନ୍ତୋଷ। ଜେଏମସି (ଏଲଆର) କୋର୍ଟରେ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ ବିରଞ୍ଚି ମହାପାତ୍ରଙ୍କୁ ନିଯୁକ୍ତି ମିଳିଥିବା ଜଣାପଡିଛି। ଜେଏମସି କୋର୍ଟରେ ଏପିପି ଭାବେ ରାମ ନାରାୟଣ ରଥ, ଭୁବନେଶ୍ୱର ମିଶ୍ର, ସଂଘମିତ୍ରା ପଣ୍ଡା, ଆରତୀ ପଟ୍ଟନାୟକ, ମନୋରଂଜନ ପାଣିଗ୍ରାହୀ, ମନୀଷା ଆଚାର୍ଯ୍ୟ, ଭିଭିବି ସୂର୍ଯ୍ୟପ୍ରକାଶ। ପିଏମଜେଜେବିରେ ଏପିପି କଳ୍ପନା ପାଣିଗ୍ରାହୀ ଓ ଦୁର୍ଗାମାଧବ ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଛି।

ସିଭିଲ ଜଜ୍ ଅନ ପ୍ରୋବେସନ କୋର୍ଟରେ ଏପିପି ସୁଦାମ ଚରଣ ସାହୁ, ରଶ୍ମି ନାୟକ। ସେହିଭଳି ଛତ୍ରପୁର, ପାତ୍ରପୁର, ଦିଗପହଣ୍ଡି, ଖଲ୍ଲିକୋଟ, ପୁରୁଷୋତ୍ତମପୁର, ସାନଖେମୁଣ୍ଡି, ହିଞ୍ଜିଳିକାଟୁ, ଶେରଗଡ, କବିସୂର୍ଯ୍ୟନଗର, ଆସିକା, ଭଞ୍ଜନଗର, ଜଗନ୍ନାଥପ୍ରସାଦ, ପୋଲସରା, ବୁଗୁଡା ଓ ସୋରଡା ଆଦି ବିଭିନ୍ନ କୋର୍ଟରେ ମଧ୍ୟ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି।

